# ବାଞ୍ଛାନିଧିଙ୍କ କବିତାରେ ଆଧାତ୍ମିକ ସ୍ୱର

ଶ୍ରୀ ଅଭୟ ଦ୍ୱିବେଦୀ

ବାଞ୍ଛାନିଧି ମୁଖ୍ୟତଃ ଜାତୀୟ ଚେତନାର କବି । ଗାନ୍ଧି ଏବଂ ଗୋପବନ୍ଧୁଙ୍କର ଜାତୀୟତା ଭାବରେ ସେ ନିଜର ଜୀବନକୁ ସଂପୂର୍ଣ୍ଣରୂପେ ଉତ୍ସର୍ଗ କରିଦେଇଥିଲେ । ସ୍ୱାଧିନତା ସଂଗ୍ରାମକୁ ଆହୁରି ତୀବ୍ର କରିବା ପାଇଁ ଜାତୀୟତାବାଦୀ କବିତା ଓ ସଂଗୀତ ରଚନା କରି ପୁରପଲ୍ଲୀରେ ସେ ଦେଶ ପ୍ରେମର ବହ୍ନିକୁ ଆହୁରି ଜ୍ୱାଳାମୁଖୀ କରିଥିଲେ । ଉତ୍କଳମାତାର ଏବଂ ଭାରତମାତାର ଦୁର୍ଦ୍ଦଶାକୁ ନିଜର ଲେଖନୀ ସାହାଯ୍ୟରେ ସେ ଜନମାନସରେ ଅତି ସ୍ପଷ୍ଟ ଭାବରେ ପ୍ରତିପାଦିତ କରିପାରିଥିଲେ । ସେଥିପାଇଁ ସେ ଜାତୀୟ କବି ଓ ଚାରଣ କବି ଭାବରେ ସୁପରିଚିତ ।

ବାଞ୍ଛାନିଧି ଏପରି କେତେକ କବିତା ରଚନା କରିଅଛନ୍ତି, ଯାହାର ସଂଖ୍ୟା ଅତି ଅଳ୍ପ ହେଲେ ମଧ ସେ ସମସ୍ତ କବିତା ଜଗତ୍ ଓ ଜୀବନର ମୌଳିକ ସୃଷ୍ଟି -ତତ୍ତ୍ୱର ଜିଜ୍ଞାସା ଉପରେ ସନ୍ନିବେଶିତ ।

ଜୀବନ ହେଉଛି ସୂକ୍ଷ୍ମତମ ସୂକ୍ଷ୍ମତାରୁ ସ୍ଥୁଳତମ ସ୍ଥୁଳତା ପର୍ଯ୍ୟନ୍ତ ପ୍ରସାରିତ ଏବଂ ପ୍ରଲମ୍ବିତ । ଜୀବନ ହେଉଛି ଶବ୍ଦ-ଗୁଣାନ୍ୱିତ ସୂକ୍ଷ୍ମତମ ମହାକାଶ ଏବଂ ସେହି କ୍ରମରେ ସ୍ପର୍ଶ, ରୂପ, ରସ, ଗନ୍ଧ ଓ ଗୁଣାନ୍ୱିତ ସ୍ଥୁଳତମ ପୃଥିବୀର ଏକ ଦିବ୍ୟ ସମ୍ମିଶ୍ରଣ । ଯେତେବେଳେ ଏହି ପଞ୍ଚ ମହାଭୂତଙ୍କର ଗ୍ରହଣ ଓ ଅତିକ୍ରମଣର ପ୍ରକ୍ରିୟାରେ ରୂପାନ୍ତିକରଣ ସମ୍ଭବହୁଏ , ସେତେବେଳେ ଏକ ଛନ୍ଦ ଓ ସ୍ୱରର ଉତ୍ପନ୍ନ ହୁଏ । ସେହି ରୂପାନ୍ତରୀକରଣ ପ୍ରକ୍ରିୟାର ରହସ୍ୟ ହେଉଛି ବିଶ୍ୱର ଶ୍ରେଷ୍ଠତମ ରହସ୍ୟ । ସେହି ମୁହୂର୍ତ୍ତହେଉଛି ସୃଷ୍ଟିର ସୌନ୍ଦର୍ଯ୍ୟ ଅବଗୁଣ୍ଠନର ମୁହୂର୍ତ୍ତ ଏବଂ ସେଥିରୁ ଉତ୍ପନ୍ନ ଛନ୍ଦହିଁ ଜୀବନର ଛନ୍ଦ ଓ ସ୍ୱର ହିଁ ଆଧାତ୍ମିକ ସ୍ୱର । ଏହି ପ୍ରକ୍ରିୟା କେବଳ ଅନ୍ତରର ଗଭୀରତମ ପ୍ରଦେଶରେ ସଂଗଠିତ ହେଉଥିବାରୁ ସେହି ସ୍ୱରକୁ ଶୁଣିବାକୁ ହେଲେ ଅନ୍ତରର ରାଶି ରାଶି ନୀରବତା ଓ ଅନାବୃତ ଗରିଶୃଙ୍ଗକୁ ଲମ୍ଫ ପ୍ରଦାନ କରିବାକୁ ହୁଏ । ତେଣୁ ଆଧାତ୍ମିକ ସ୍ୱର ହିଁ ଅନ୍ତର୍ଚେତନାର ସ୍ୱର ଓ ଅନ୍ତର୍ମୁଖୀ ପ୍ରବାହର ସ୍ୱର ।

ସମସ୍ତ ଶ୍ରେଷ୍ଠ କବି ଆଧାତ୍ମିକ ହେବାକୁ ବାଧ, କାରଣ ଶବ୍ଦ ସାଧନା ହିଁ କେବଳ ଛନ୍ଦ ଓ ସ୍ୱରର ଲୟମାତ୍ର । ବାଞ୍ଛାନିଧିଙ୍କର କବିତାରେ ଆମେ ଅନୁରୂପ ଜୀବନର ଛନ୍ଦ ଓ ଆଧାତ୍ମିକ ସ୍ୱର ଅଜି ଅନ୍ତରଂଗ ଏବଂ ସ୍ପଷ୍ଟ ଭାବରେ ଶୁଣିପାରୁ ।

ଆଧାତ୍ମିକ କବି ସବୁବେଳେ ଜ୍ଞାନ, ଶକ୍ତି ଏବଂ ଆନନ୍ଦରେ ଉଦ୍‌ବେଳିତ ହେଉଥାଏ । ସମଗ୍ର ଜୀବନ ଓ ଜଗତ୍ ତାର ଅଙ୍ଗୀଭୂତ ଏବଂ ଅଂଶୀଭୂଜ ହୋଇଥାଏ । ତାହାରି ମଧରେ ସେ ଆତ୍ମୀୟତା ଲାଭ କରେ । ପ୍ରତିଟି ଭାବ ଏବଂ ଅନୁଭବ ସହିତ ତଦାତ୍ମ୍ୟ ପ୍ରତିଷ୍ଠିତ ହେଲେ ଛନ୍ଦ ମଧ ପ୍ରତିଷ୍ଠିତ ହୁଏ ଏବଂ ସଂଗୀତର ସେହି ସ୍ୱରରେ ସାରା ବିଶ୍ୱ ଝଂକୃତ ହୋଇଉଠେ । କବିଙ୍କ ଭାଷାରେ

ଉଠୁରେ ଗମ୍ଭୀରେ ବାଜି ହୃଦୟ ସଂଗୀତ ରାଜି
ପରାଣେ ପରାଣ ମିଶି ଝଂକାର ଅମୀୟ ତାନେ । (ବାଞ୍ଛାନିଧି ପଦ୍ୟାବଳୀ-୪୮)

ପରମାତ୍ମା, ପରଂବ୍ରହ୍ମ ହେଉଛନ୍ତି ଆଧାତ୍ମିକ ଚେତନାର କେନ୍ଦ୍ରବିନ୍ଦୁ । ସେ ହେଉଛନ୍ତି ପରିପୂର୍ଣ୍ଣ ଏବଂ ସ୍ୱୟଂ ସଂପୂର୍ଣ୍ଣ । ସେ ହେଉଛନ୍ତି ପ୍ରେମମୟ, ଜ୍ଞାନମୟ ଏବଂ ଆନନ୍ଦମୟ । ସେ ଥରେ ହସିଦେଲେ ମାଳ ମାଳ ବ୍ରହ୍ମାଣ୍ଡ ଓ କୋଟିକୋଟି ଗ୍ରହ, ସୂର୍ଯ୍ୟ, ତାରାଙ୍କର ଦର୍ଶନ ମିଳିଥାଏ ଏବଂ ଅରୁଟିଏ ରୁଷିଗଲେ ଚାରିଆଡ଼େ ଶୂନ୍ ଶାନ୍ ଏବଂ ପ୍ରଳୟର କରୁଣ ସ୍ୱର ହିଁ ଶୁଣିବାକୁ ମିଳେ ।

କବି ଏକଥା ମଧ ଜାଣନ୍ତି ମଣିଷ ହେଉଛି ଅକ୍ଷମ, ଅସହାୟ, ଅସମର୍ଥ ତେଣୁ ଅସଂପୂର୍ଣ୍ଣ । ମଣିଷ ଜୀବନର ପ୍ରତିଟି କାର୍ଯ୍ୟକଳାପ ଏହି ସତ୍ୟକୁ ହିଁ ପ୍ରମାଣିତ କରେ । ସଂସାର ହେଉଛି ଏକ ଅପରିମେୟ ଏବଂ ଅତୁଳନୀୟ ଶକ୍ତି । ତାର ପ୍ରବାହ ଏବଂ କଂପନ ମଣିଷକୁ କଠିନ ପରୀକ୍ଷାର ସମ୍ମୁଖୀନ କରାଏ । ତେଣୁ କବି ବ୍ୟାକୁଳ କଣ୍ଠରେ ପରମାତ୍ମାଙ୍କୁ କହିଛନ୍ତି-

ନିରାଶ୍ରୟ ଜନର ଆଶ୍ରୟ ଆଦିମୂଳ
ବିପଦବାରିଧିରେ ଲଗାଅ ତୁମ୍ଭେ କୂଳ
ତୁମ୍ଭ ପରି ନାବିକ ନାହାନ୍ତି ତ୍ରିଜଗତେ
ଶ୍ରୀପଦ ତରୀ ଧରି ତାରନ୍ତି ଏ ମରତେ । (ବାଞ୍ଛାନିଧି ପଦ୍ୟାବଳୀ)

ଆଧାତ୍ମିକ ମାର୍ଗର ଚରମ ପରିଣତି ହେଉଛି ଅନ୍ତର୍ନିହିତ ପ୍ରେମର ଦୁଃଖରୁ ନିବୃତ୍ତ ଅର୍ଥାତ ମୋକ୍ଷ ପ୍ରାପ୍ତି । ମନୁଷ୍ୟର ଜୀବନ ଆନ୍ତରିକ ସ୍ଥିତି ଏବଂ ବାହ୍ୟ ସ୍ଥିତିର ଅନୁକୂଳତା ଏବଂ ସାମଞ୍ଜସ୍ୟ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରେ । ଅନେକ ସାଂସାରିକ କାରଣ ଏହି ପରିସ୍ଥିତି ମଧ ଦେଇ ପ୍ରବାହିତ ହେଉଥିବାରୁ ଏହି ଅନୁକୂଳତା ଅସଂପୂର୍ଣ୍ଣ ରହେ । ଯାହାଫଳରେ ମନୁଷ୍ୟ ସର୍ବଦା ଅସଂପୂର୍ଣ୍ଣ ହୋଇରହିଥାଏ । ଯେତେବେଳ ପର୍ଯ୍ୟନ୍ତ ଅସନ୍ତୋଷ ତିଆରି ହେଉଥାଏ, ମୋକ୍ଷ ବା ମୁକ୍ତିର ପ୍ରାପ୍ତି ଅସମ୍ଭବ ହୋଇଉଠେ ଏବଂ ସାଧନାର ମାର୍ଗ ମଧ ଅପହଞ୍ଚ ହୋଇରହେ । ଯେଉଁ ମାଧମ ଦ୍ୱାରା ସାଧନା ମାର୍ଗରେ ଅଗ୍ରସର ହେବାର ସହାୟତା ମିଳେ ସାଂଖ୍ୟ

ଦର୍ଶନରେ ତାକୁ ସିଦ୍ଧି କୁହାଯାଇଛି ।

ଉହଃ ଶବ୍ଦୋଽଧ୍ୟୟନଂ ଦୁଃଖ ବିଘାତା ସ୍ତ୍ରୟଃ ସୁହୃତ ପ୍ରାପ୍ତି
ଦାନଂ ଚ ସିଦ୍ଧି ୟୋଅଷ୍ଟୌ ସିଦ୍ଧିଃ ପୂର୍ବାଙ୍କୁ ଶସ୍ତ୍ରିବିଧଃ । (ସାଂଖ୍ୟ କାରିକା)

ଅର୍ଥାତ ଉହ (ଜନ୍ମଗତ ଯୋଗ୍ୟତା) , ଶବ୍ଦ (ଗୁରୁଜ୍ଞାନ) ଅଧ୍ୟୟନ (ବିଦ୍ୟା ଅର୍ଜନ), ସୁହୃଦ ପ୍ରାପ୍ତି(ଅକସ୍ମାତ ଗୁରୁପ୍ରାପ୍ତି) ଏବଂ ଦାନ ଏମାନେ ସିଦ୍ଧିର ସାଧନ ଅଟନ୍ତି । ସାଂଖ୍ୟ ଦର୍ଶନର ଏହି ଜଟିଳ ଆଧାତ୍ମିକ ତତ୍ତ୍ୱ କବି ବାଞ୍ଛାନିଧି ତାଙ୍କର ବିଭିନ୍ନ କବିତାରେ ଅତି ସହଜ ଓ ସରଳ ଭାଷାରେ ବର୍ଣ୍ଣନା କରିଅଛନ୍ତି ।

କବି ଯେତେବେଳେ ନିଜକୁ ଅମୃତର ସନ୍ତାନ ଏବଂ ଆନନ୍ଦମୟ ସତ୍ତାର ଅଂଶ ବିଶେଷ ବୋଲି ଅନୁଭବ କରିଛନ୍ତି ଏବଂ ପରମବ୍ରହ୍ମଙ୍କୁ ପରମପିତା ବୋଲି ଆକୁଳ କଣ୍ଠରେ ପ୍ରାର୍ଥନା କରିଛନ୍ତି, ସେତେବେଳେ ସେ ମଧ୍ୟ ସ୍ୱୟଂ ବ୍ରହ୍ମମୟ ହୋଇ ଯାଇଛନ୍ତି ।

ପରମପିତା ବୋଲି ଡ଼ାକିଛି ମୁଁ ଆକୁଳେ
ଉଭା ହୋଇଛ ଆସି ପିନ୍ଧି ପୀତ ଦୁକୂଳେ । (ବାଞ୍ଛାନିଧି ପଦ୍ୟାବଳୀ)

ଜ୍ଞାନ, କର୍ମ, ଭକ୍ତିର ଗ୍ରହଣର ପରିପୂର୍ଣ୍ଣତାରେ ସଂସାର ସତ୍ୟ ବୋଲି ପ୍ରତିପାଦିତ ହୋଇଥାଏ । ଗୁରୁଙ୍କର ଆଶିଷ ସଂସାରର ଦୁଃଖ, କ୍ଲେଶ ଏବଂ ଯାତନାକୁ  ଅତିକ୍ରମ କରିବା ପାଇଁ ଶକ୍ତି ଓ ସାମର୍ଥ ଯୋଗାଇଥାଏ । ଗୁରୁଙ୍କର କୃପାରୁ ଜ୍ଞାନ, କର୍ମ ଏବଂ ଭକ୍ତିର ପୂର୍ଣ୍ଣତାରେ ଅସତ୍ୟ ସଂସାର ସତ୍ୟରେ ପରିଣତ ହୁଏ ଏବଂ ଚେତନଅଚେତନ, ପୁରୁଷ-ପ୍ରକୃତିର ଭେଦକୁ ହୃଦୟଙ୍ଗମ କରିଥାଏ ।

ବିଭୁ ଚରଣେ ଦେଇ ମତି, ମଥା ନଇଁବା ଗୁରୁକତି
ଶକତି ସଂପଦ ମାଟିନେବା , ଭକତି ଚନ୍ଦନ ତୋଳିବାରେ । (ବାଞ୍ଛାନିଧି ପଦ୍ୟାବଳୀ- ୪୬)

ଆଧାତ୍ମିକ ଚେତନା ଜୀବନକୁ ତ୍ୟାଗପୁତ ପରେ, ଏକ ଦିବ୍ୟ ଆଶିଷରେ ପରିଣତ କରେ, ସାଂସାରିକ ଜଂଜାଳରେ ଲିପ୍ତ ମଣିଷକୁ ଏକ ଋଷିର ଆସନକୁ ଉତ୍ତୀର୍ଣ୍ଣ କରିନିଏ ଏବଂ ଜଣେ ଋଷିହିଁ କେବଳ ଚେତନାର ବିସ୍ତାରରେ ସ୍ଥୁଳତମ ଜଡ଼ ଓ ସୂକ୍ଷ୍ମତମ ଚୈତନ୍ୟ ମଧ୍ୟରେ ଅନୁଭବସିଦ୍ଧ ଅନନ୍ୟତା ଆବିଷ୍କାର କରିପାରେ । ସଂସାରର ଯାବତୀୟ ଦୁଃଖ, କ୍ଲେଶ, ଯାତନା ଏବଂ ମୃତ୍ୟୁକୁ ଅସ୍ୱୀକାର କରେନାହିଁ ବରଂ ଅତିକ୍ରମ ଘଟାଇପାରେ ଏବଂ ଚିରାଚରିତ ଭାବରେ ସ୍ୱୀକୃତ ଓ ଗତାନୁଗତିକ ଭାବରେ ଗୃହୀତ ଅନେକ ସ୍ୱତଃସିଦ୍ଧ ସିଦ୍ଧାନ୍ତ ଓ ଅଚାରଣକୁ ପ୍ରଶ୍ନ କରିପାରେ ।

ସେହି ଦୃଷ୍ଟିରୁ ମହାତ୍ମାଗାନ୍ଧି ହେଉଛନ୍ତି ଏ ଶତାବ୍ଦୀର ଶ୍ରେଷ୍ଠତମ ଋଷି । ତାଙ୍କ ତ୍ୟାଗପୂତ ଜୀବନ, ସାମାଜିକ ଅଂଗୀକାରବଦ୍ଧତା ଓ ତତ୍କାଳୀନ ରାଜନୈତିକ ରଣଭୂମିରେ ଯୋଗଦାନ ଓ ନେତୃତ୍ୱ ଗ୍ରହଣ ମୁଖ୍ୟତଃ ଆଧାତ୍ମିକ ଦୃଷ୍ଟିକୋଣରୁ ହିଁ ବିକଶିତ ହୋଇଥିଲା । ପଣ୍ଡିତ ଗୋପବନ୍ଧୁ ମଧ୍ୟ ଜୀବନରେ ଅନୁରୂପ ପନ୍ଥା ବାଛି ନେଇଥିଲେ । ଗାନ୍ଧି ଏବଂ ଗୋପବନ୍ଧୁଙ୍କର ପଟ୍ଟଶିଷ୍ୟ ଥିଲେ କବି ବାଞ୍ଛାନିଧି । ଦେଶ ମାତୃକାର ସ୍ୱାଧୀନତା ପାଇଁ ନିଜ ସେ ଜୀବନକୁ କେବଳ ସେ  ଉତ୍ସର୍ଗ କରିନଥିଲେ ସମାଜର ପ୍ରତିଟି ଦୀନ ଏବଂ ଦରିଦ୍ର ପାଇଁ ତାଙ୍କ ପ୍ରାଣ କାରୁଣ୍ୟ ଓ ଅନୁକଂପାରେ ବିଗଳିତ ହୋଇ ଉଠିଥିଲା । କଳାତ୍ମକ ଦୃଷ୍ଟିରୁ ତାଙ୍କର କବିତା ଏବଂ ଗୀତିକା ଶ୍ରେଷ୍ଠତମ ଆସନ ଗ୍ରହଣ ନକଲେ ମଧ୍ୟ ଜାତୀୟତାବାଦୀ ଆନ୍ଦୋଳନ ସ୍ଫୁଲିଙ୍ଗ ବିକିରଣରେ ତାଙ୍କର ପ୍ରତିଟି କବିତା ଯେ ଦିବ୍ୟ ଅସ୍ତ୍ରରୂପେ ବ୍ୟବହୃତ ହୋଇଥିଲା, ଏଥିରେ ସଂନ୍ଦେହ ନାହିଁ । ଉତ୍କଳ ଜନନୀ ଓ ଭାରତମାତାର ବନ୍ଦନାରେ ହିଁ ତାଙ୍କ କବିତାର ଆଧାତ୍ମିକ ସ୍ୱର ତଦାତ୍ମ୍ୟ ଉଜ୍ଜୀବିତ  ହୋଇରହିଅଛି ।

ସାଳନ୍ଦୀ ନଗର, ଭଦ୍ରକ